# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 22 July – 2025

*****************************************************

# ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନକଡ ଗତକାଲି ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ସମ୍ବିଧାନର ଧାରା ଶତଷଠି(କ) ଅନୁଯାୟୀ ସେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଅନୁରୋଧ କରିଛନ୍ତି । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟଗତ କାରଣରୁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ଇସ୍ତଫାପତ୍ରରେ ଶ୍ରୀ ଧନଖଡ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରିପରିଷଦର ସମସ୍ତ ସଦସ୍ୟ ଓ ସଂସଦର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସୁଭଦ୍ରା ଶକ୍ତି ପ୍ରତିଯୋଗିତା

ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ । ସମସ୍ତ ବ୍ଲକ ଓ ସହରାଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୬ହଜାର ୫୧୯ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ଗ୍ରାଣ୍ଡ ଫାଇନାଲରେ ଭାଗ ନେବାଲାଗି ୧୦ଟି ଦଳ ଉନ୍ନୀତ ହୋଇଛନ୍ତି । ଏଥିରେ ପ୍ରଥମ ପୁରସ୍କାର ସ୍ୱରୂପ ୨ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାରରେ ଦେଢ଼ଲକ୍ଷ ଓ ତୃତୀୟ ପୁରସ୍କାର ଲାଗି ୧ଲକ୍ଷ ଟଙ୍କା ଅର୍ଥ ରଖାଯାଇଛି ।

## ବାଇପାସ୍ ରାସ୍ତା ନିର୍ମାଣ

ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟରେ ରାସ୍ତା ନେଟୱର୍କ ନେଇ ସମୀକ୍ଷା କରିବା ସହ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସହର ମଧ୍ୟରେ ଭିଡ଼ ହ୍ରାସ କରିବା ଏବଂ ବାଣିଜ୍ୟିକ କରିଡର ଓ ଶିଳ୍ପ ସଂସ୍ଥାକୁ ସଂଯୋଗୀକରଣ ଲାଗି ବାଇପାସ୍ ନିର୍ମାଣ କରାଯିବ । ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ୪୮ କିଲୋମିଟର ଦୀର୍ଘ ୧୦ଟି ବାଇପାସ୍‌ର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୩୨ କିଲୋମିଟର ଦୀର୍ଘ ୬ଟି ବାଇପାସ୍ କାର୍ଯ୍ୟ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ମାନବାଧିକାର ଆୟୋଗ-ଶୁଣାଣି

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ମାନବାଧିକାର ଆୟୋଗ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ଓଡ଼ିଶା ସମ୍ପର୍କିତ ମାନବାଧିକାର ଉଲ୍ଲଙ୍ଘନ ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି । ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଭି. ରାମସୁବ୍ରମଣ୍ୟନ, ସଦସ୍ୟ ଜଷ୍ଟିସ ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଜୟା ଭାରତୀ ସାୟାନି ଏବଂ ପ୍ରିୟଙ୍କା କାନୁନ୍‌ଗୋ ଦୁଇଟି ଖଣ୍ଡପୀଠ ମାଧ୍ୟମରେ ୧୨୧ଟି ମାମଲାର ଶୁଣାଣି କରିଥିଲେ । ପରେ ଆୟୋଗର ସଦସ୍ୟମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ମାନବାଧିକାର ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ଅର୍ଥନୈତିକ ବିକାଶ ଏବଂ ନିରନ୍ତରତା ଭିତ୍ତିରେ ସାମଗ୍ରିକ ବିକାଶ ଦିଗରେ ପ୍ରଶାସନ ଓ ସରକାର ସମ୍ମିଳିତ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଛନ୍ତି ।

# ସୁରମା ପାଢ଼ୀ

ସରକାରୀ କର୍ମଚାରୀମାନେ କର୍ତ୍ତବ୍ୟନିଷ୍ଠ ହୋଇ କାମ କଲେ ରାଜ୍ୟ ଓ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ରାଜ୍ୟ ସଚିବାଳୟର ନବନିଯୁକ୍ତ ଉପ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କାଳରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଶାସକ ଓ ଶାସିତ ମାନଙ୍କ ମଧ୍ୟରେ ସୁ-ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଗଞ୍ଜାମ ଜିଲ୍ଲା ପୁରସ୍କୃତ

ସ୍ୱଚ୍ଛ ସହର ସର୍ବେକ୍ଷଣରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞପିତ ଅଞ୍ଚଳ ପରିଷଦ ଦ୍ୱିତୀୟସ୍ଥାନ ହାସଲ କରି ପୁରସ୍କୃତ ହୋଇଛି । ଗତକାଲି ଲୋକସେବା ଭବନରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧକ୍ଷା ବିନିତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସ୍ୱଚ୍ଛତା ଅଭିଯାନ ଜାରି ରଖିବା ଲାଗି ପରାମର୍ଶ ଦେଇଥିଲେ ।

# ସ୍ୱାସ୍ଥ୍ୟସେବା

ନୂଆପଡା ଜିଲ୍ଲାର ଦୂରଦୁରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ କଟକ ଏସ୍‌ସିବିର ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ନୂଆପଡା ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ

ସମ୍ପୃକ୍ତ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ । ଏଥିପାଇଁ ୬୩୨ଜଣ ରୋଗୀ ତାଲିକାଭୁକ୍ତ ହୋଇଥିବା ଜଣାପଡିଛି ।

## ନିଯୁକ୍ତି ପ୍ରଦାନ

ବୌଦ୍ଧ ଜିଲ୍ଲା ପାଇଁ ଆଇନ୍ ବିଭାଗ ପକ୍ଷରୁ ୧୮ଜଣ ଅଧିବକ୍ତାଙ୍କୁ ବିଧି ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ସମ୍ପୃକ୍ତ ଅଧିକାରୀମାନେ ଓଡ଼ିଶା ଆଇନ୍ ଅଧିକାରୀ ନିୟମ ଅନୁଯାୟୀ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଅନ୍ୟପକ୍ଷରେ ଅଧିବକ୍ତା ପ୍ରସନ୍ନ କୁମାର ପ୍ରଧାନଙ୍କୁ ପୋସ୍କୋ ଆଇନ୍ ଅନୁଯାୟୀ ସ୍ୱତନ୍ତ୍ର ସରକାରୀ ଅଭିଯୋଜକଭାବେ ନିଯୁକ୍ତି ପ୍ରଦାନ କରାଯାଇଛି ।

## ବୈଠକ

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଜିଲ୍ଲାରେ ଅପରାଧିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ପରାମର୍ଶ ଦେଇଛନ୍ତି । ମହିଳା ତଥା ଛାତ୍ରୀଙ୍କ କ୍ଷେତ୍ରରେ ସମ୍ବେଦନଶୀଳ ମାମଲା ଗୁଡ଼ିକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

## ଖରିଫ ଫସଲ

ରାଜ୍ୟରେ ଖରିଫ ଫସଲ ପାଇଁ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ଲାଗି ସାର କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସାର ଯୋଗାଣ ସ୍ଥିତିର ସମୀକ୍ଷା କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଖରିଫ ଋତୁ ଆରମ୍ଭରେ ବିଭାଗ ତରଫରୁ

ବିଭିନ୍ନ ସାର ଯୋଗାଇ ଦେବାଲାଗି ପଦକ୍ଷେପ ନିଆଯାଇଥିବା କହିଛନ୍ତି । ରାଜ୍ୟରେ ପ୍ରାୟ ୫୮ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଖରିଫ ଫସଲ ଯୋଜନା ରହିଥିବା ସେ କହିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜେଜେଆଇନ୍ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷା ଡକ୍ଟର ଭାଗ୍ୟଲକ୍ଷ୍ମୀ ରଥ ଓ ଅତିରିକ୍ତ ଜିଲ୍ଲାଶ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ଉପରେ ଆଲୋଚନା କରିଥିଲେ ।

## ସାହାଣୀ କପ୍

୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚମ୍ପିଆନ୍‌ସିପ୍ ସାହାଣୀ କପ୍ ୨୦୨୫ ଅନ୍ତର୍ଗତ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋରାପୁଟ ୪-୦ ଗୋଲ୍‌ରେ ରାୟଗଡାକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ପରାସ୍ତ କରିଛି । ସେହିପରି ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ, କଟକ ୬-୦ ଗୋଲ୍‌ରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟକୁ ଓ ସୁନ୍ଦରଗଡ ୧-୦ ଗୋଲ୍‌ରେ ବାଲେଶ୍ୱରକୁ ପରାସ୍ତ କରିଥିବାବେଳେ ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା ।

*****